# NATIONAL NEWS BULLETIN (ODIA)

## 02nd June - 2025

## Morning Bulletin : 7.15 a.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଆନ୍ତର୍ଜାତିକ ବିମାନ ପରିବହନ ସଂଘର ୮୧ତମ ବାର୍ଷିକ ସାଧାରଣ ବୈଠକରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।

- ଭାରତକୁ ତିନିଦିନିଆ ଗସ୍ତରେ ଆସିଛନ୍ତି ପାରାଗୁଏ ରାଷ୍ଟ୍ରପତି ।

— ଆଜି ପ୍ରଧାନମନ୍ତ୍ରୀଙ୍କ ସହ କରିବେ ଦ୍ୱିପାକ୍ଷିକ ଆଲୋଚନା ।

- ଦେଶର ଅର୍ଥନୀତି କ୍ଷେତ୍ରରେ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି; କହିଲେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।

- ରୁଷର ବିଭିନ୍ନ ବାୟୁସେନା ଘାଟିକୁ ଲକ୍ଷ୍ୟ କରି ୟୁକ୍ରେନ୍‌ର ବଡ଼ ଧରଣର ଡ୍ରୋନ୍ ଆକ୍ରମଣ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ-୨୦୨୫ ଟାଇଟଲ୍ ହାସଲ ପାଇଁ ଆସନ୍ତାକାଲି ପଞ୍ଜାବ କିଙ୍ଗ୍ସ୍ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ହେବ ମୁକାବିଲା ।

## ପି.ଏମ୍. - ଆଇ.ଏ.ଟି.ଏ.

ଆନ୍ତର୍ଜାତିକ ବିମାନ ପରିବହନ ସଂଘ - ଆଇ.ଏ.ଟି.ଏ.ର ୮୧ତମ ବାର୍ଷିକ ସାଧାରଣ ବୈଠକରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ବୈଠକ ଆସନ୍ତାକାଲି ଶେଷ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସମାବେଶକୁ ସମ୍ବୋଧନ କରିବେ । ବୈଶ୍ୱିକ ସ୍ତରରେ ବିମାନ ଶିଳ୍ପ କ୍ଷେତ୍ରରେ ଅର୍ଥନୈତିକ ବିକାଶ, ସଂଯୋଗୀକରଣ, ଶକ୍ତି ସୁରକ୍ଷା, ଇନ୍ଧନ ଉତ୍ପାଦନ, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଭଳି ପଦକ୍ଷେପକୁ ଆର୍ଥିକ ସହଯୋଗ ଏବଂ ନବସୃଜନ ଆଦି ବିଭିନ୍ନ ପ୍ରସଙ୍ଗରେ ଏହି ବୈଠକରେ ଅଂଶୀଦାରଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ବିମାନ ଚଳାଚଳ କ୍ଷେତ୍ରରେ ଭାରତର ଅଗ୍ରଗତି ଏବଂ ସାମାଜିକ ଓ ଆର୍ଥିକ ବିକାଶରେ ଏହାର ଭୂମିକା ସମ୍ପର୍କରେ ବିଭିନ୍ନ ଦେଶର

ଅଂଶଗ୍ରହଣକାରୀ ଅବଗତ ହେବେ । ସୂଚନାଯୋଗ୍ୟ, ଆଇ.ଏ.ଟି.ଏ.ର ଶେଷ ବାର୍ଷିକ ସାଧାରଣ ବୈଠକ ଗତ ୧୯୮୩ ମସିହାରେ ଅନୁଷ୍ଠିତ ହୋଇଥିଲା ।

## ପାରାଗୁଏ ପ୍ରେସିଡେଣ୍ଟ ଭିଜିଟ୍

ପାରାଗୁଏ ରାଷ୍ଟ୍ରପତି ସାଣ୍ଟିଆଗୋ ପେନା ପାଲାସିଓସ୍ ତିନିଦିନିଆ ଭାରତ ଗସ୍ତରେ ଆସିଛନ୍ତି । ତାଙ୍କ ସହିତ ମନ୍ତ୍ରିମଣ୍ଡଳର ସଦସ୍ୟ, ବରିଷ୍ଠ ଅଧିକାରୀ ଏବଂ ବ୍ୟବସାୟୀଙ୍କ ଏକ ପ୍ରତିନିଧିମଣ୍ଡଳି ଏହି ଗସ୍ତରେ ଆସିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ପାରାଗୁଏ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଦୁଇ ଦେଶ ମଧ୍ୟରେ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା ବୈଠକରେ ମତ ବିନିମୟ ହେବାର ସମ୍ଭାବନା ରହିଛି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦିପ୍ ଧନଖଡ଼ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ପାରାଗୁଏ ରାଷ୍ଟ୍ରପତି ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ଶ୍ରୀ ପାଲାସିଓସ୍ଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଏହିଁ ଗସ୍ତ ଅବସରରେ ରାଷ୍ଟ୍ରପତି ଶ୍ରୀ ପାଲାସିଓସ୍ ମୁମ୍ବାଇଠାରେ ରାଜ୍ୟ ସରକାର, ବ୍ୟବସାୟ ଓ ଶିଳ୍ପ ପ୍ରତିନିଧି ଏବଂ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ । ୧୯୬୧ ମସିହାରେ ଦୁଇ ଦେଶ ମଧ୍ୟରେ

ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କ ସ୍ଥାପନ ହୋଇଥିଲା । ବାଣିଜ୍ୟ, କୃଷି, ସ୍ୱାସ୍ଥ୍ୟ, ଔଷଧ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ସମେତ ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସୁଦୃଢ଼ ସମ୍ପର୍କ ରହିଛି । ଲାଟିନ୍ ଆମେରିକୀୟ ଅଞ୍ଚଳରେ ପାରାଗୁଏ ଭାରତପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଅଂଶୀଦାର । ଅଟୋମୋବାଇଲ୍ ଏବଂ ଔଷଧ କ୍ଷେତ୍ରର ଭାରତୀୟ କମ୍ପାନୀ ପାରାଗୁଏରେ ବ୍ୟବସାୟ କରୁଛନ୍ତି ।

## ଶିବରାଜ - ଦୀନଦୟାଲ ଲେକ୍‌ଚର୍

ଦେଶର ଅର୍ଥନୀତି କ୍ଷେତ୍ରରେ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ନୂଆଦିଲ୍ଲୀରେ ପଣ୍ଡିତ ଦୀନଦୟାଲ୍ ଉପାଧ୍ୟାୟଙ୍କ ମାନବବାଦ ବକ୍ତୃତାର ୬୦ ବର୍ଷ ପୂର୍ତ୍ତି ଅବସରରେ  ଜାତୀୟ ସ୍ମାରକୀ ସେମିନାର୍‌କୁ ସମ୍ବୋଧନ କରି ଶ୍ରୀ ଚୌହାନ୍ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ହ୍ରାସ ପାଇବା ଏବଂ ଦେଶବାସୀଙ୍କ ଜୀବନଶୈଳୀରେ ଉନ୍ନତି ଉପରେ ଆଲୋକପାତ କରିଛନ୍ତି । ଲକ୍ଷପତି ଦିଦି ଯୋଜନା ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ପ୍ରମୁଖ ଅଭିଯାନ ଭାବେ ପ୍ରତିପାଦିତ ହୋଇଛି । କୃଷିକ୍ଷେତ୍ରର ବିକାଶ ଦିଗରେ ସରକାର ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରି ମନ୍ତ୍ରୀ

ଶ୍ରୀ ଚୌହାନ୍ କହିଛନ୍ତି, ୨ଟି ନୂତନ ଧାନ କିସମ ବିକଶିତ ହୋଇଛି । ଏହା ଜଳ ନିର୍ଭରଶୀଳତା ହ୍ରାସ କରିବା ସହ ଧାନ ଉତ୍ପାଦନ ୩୦ ପ୍ରତିଶତ ଅଧିକ ହେବ ବୋଲି ସେ କହିଛନ୍ତି ।

***Voice :..........***

# କେ.ଭି.କେ. କାର୍ଗିଲ୍ - ବିକଶିତ କୃଷି ଅଭିଯାନ

ବିକଶିତ କୃଷି ସଙ୍କଳ୍ପ ଅଭିଯାନ କାର୍ଗିଲ୍‌ର ବିଭିନ୍ନ ଅଞ୍ଚଳରେ ଗତକାଲି କ୍ରମାଗତ ତୃତୀୟ ଦିନପାଇଁ ଜାରି ରହିଥିଲା । ଏହି ଅବସରରେ ସେଠାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ଆଲୋଚନା ବୈଠକ ଏବଂ ପ୍ରଦର୍ଶନୀମାନ ଅନୁଷ୍ଠିତ ହୋଇଥିଲା । ଏଥିରେ ସେହି ଅଞ୍ଚଳର ବହୁ ଚାଷୀ ଅଂଶଗ୍ରହଣ କରିଥିଲେ । ୨୦୪୭ ବିକଶିତ ଭାରତ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଏହି ଅଭିଯାନ କାର୍ଯ୍ୟକାରୀ କରାଯାଇଛି । କୃଷିକ୍ଷେତ୍ରରେ ନିରନ୍ତର ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ଏହି ୧୫ ଦିନିଆ ଅଭିଯାନ ଜାରି ରହିଛି । କୃଷି, ଉଦ୍ୟାନ, ପ୍ରାଣୀପାଳନ ଏବଂ ଜଙ୍ଗଲ ବିଭାଗ ଅଧିକାରୀ ଓ ବିଶେଷଜ୍ଞ ଏଥିରେ ସାମିଲ୍ ହୋଇ ଚାଷୀଙ୍କୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଇବା ସହ ଆଧୁନିକ

ପ୍ରଯୁକ୍ତି ବିଦ୍ୟା ଉପଯୋଗ ମାଧ୍ୟମରେ କୃଷିକ୍ଷେତ୍ରର ବିକାଶ ଉପରେ ପରାମର୍ଶ ପ୍ରଦାନ କରୁଛନ୍ତି ।

## ୟୁକ୍ରେନ୍ ଡ୍ରୋନ୍ - ରୁଷ୍

ରୁଷ୍‌ର ବିଭିନ୍ନ ବାୟୁସେନା ଘାଟିକୁ ଲକ୍ଷ୍ୟ କରି ୟୁକ୍ରେନ୍ ପକ୍ଷରୁ ଗତକାଲି ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରାଯାଇଛି । ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ଆକ୍ରମଣ ଯୋଗୁଁ ଯୁଦ୍ଧ ବିମାନଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି । ତେବେ ମୃତହାତର କୌଣସି ସୂଚନା ମିଳି ନାହିଁ । ଏହା ଆତଙ୍କବାଦୀ ଆକ୍ରମଣ ଅଭିହିତ କରି ରୁଷ୍' ଇଭାନୋଭା, ରିଆଜାନ ଏବଂ ଅମୁର୍ ଉପରେ ଡ୍ରୋନ୍ ଆକ୍ରମଣକୁ ପ୍ରତିହତ କରାଯାଇଥିବା ନେଇ ଦାବି କରିଛି ।

ଅନ୍ୟପକ୍ଷରେ ୟୁକ୍ରେନ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଆକ୍ରମଣରେ ରୁଷ୍‌ର ପ୍ରାୟ ୪୦ଟି ସାମରିକ ବିମାନ ନଷ୍ଟ ହୋଇଛି ।

## ଇସ୍ରାଏଲ୍ - ଗାଜା

ଦକ୍ଷିଣ ଗାଜାର ରାଫା ଅଞ୍ଚଳରେ ଇସ୍ରାଏଲ୍ ଆକ୍ରମଣରେ ୩୦ରୁ ଅଧିକ ପାଲେଷ୍ଟାଇନ୍ ନାଗରିକଙ୍କର ମୃତ୍ୟୁ ହୋଇଛି । ଗାଜାରେ ଚାଲିଥିବା

ସଂଘର୍ଷରେ ଇସ୍ରାଏଲ୍ ନିର୍ଦ୍ଦୋଷଙ୍କୁ ହତ୍ୟା କରୁଛି ବୋଲି ହମାସ୍ ପକ୍ଷରୁ ଅଭିଯୋଗ କରାଯାଇଛି । ରାଫା'ର ମାନବିକ ସହାୟତା ବଣ୍ଟନ କେନ୍ଦ୍ରରେ ଏହି ଆକ୍ରମଣ ହୋଇଥିବା ହମାସ କହିଛି । ଅନ୍ୟପକ୍ଷରେ ଇସ୍ରାଏଲ୍ ଏହାକୁ ଖଣ୍ଡନ କରିବା ସହ ହମାସ୍ ପକ୍ଷରୁ ମିଥ୍ୟା ପ୍ରଚାର କରାଯାଉଛି ବୋଲି ବର୍ଣ୍ଣନା କରିଛି । ନିର୍ଦ୍ଦୋଷଙ୍କୁ ହତ୍ୟା କରିବା ଏକ ସମ୍ପୂର୍ଣ୍ଣ ମିଥ୍ୟା ପ୍ରଚାର ବୋଲି ଇସ୍ରାଏଲ୍ ଉଲ୍ଲେଖ କରିଛି । ହମାସ୍‌ର ଏଭଳି ପ୍ରଚାର ତଥ୍ୟ ଆଧାରିତ ନୁହେଁ ବୋଲି ଭାରତରେ ଅବସ୍ଥାପିତ ଇସ୍ରାଏଲ୍ ଉଚ୍ଚାୟୁକ୍ତ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ।

## ଜି.ଏସ୍.ଟି. - ମେ

ଦେଶର ସାମଗ୍ରୀ ଓ ସେବା କର - ଜି.ଏସ୍.ଟି. ସଂଗ୍ରହ କ୍ରମାଗତ ଦ୍ୱିତୀୟ ମାସରେ ୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ଅର୍ଥ ମନ୍ତ୍ରଣାଳୟ ଦେଇଥିବା ତଥ୍ୟ ଅନୁଯାୟୀ ଗତ ମାସରେ ମୋଟ୍ ଜି.ଏସ୍.ଟି. ସଂଗ୍ରହ ୨ ଲକ୍ଷ ୧ ହଜାର କୋଟି ଟଙ୍କା ହୋଇଛି । ଗତବର୍ଷ ମେ ମାସ ତୁଳନାରେ ଏହା ୧୬ ଦଶମିକ ୪ ପ୍ରତିଶତ ଅଧିକ । ୨୦୨୪ ମେ ମାସରେ ଜି.ଏସ୍.ଟି. ସଂଗ୍ରହ ୧ ଲକ୍ଷ ୭୨ ହଜାର କୋଟି ଟଙ୍କା ହୋଇଥିଲା । ଗତ ଏପ୍ରିଲ୍ ମାସରେ ମୋଟ୍ ଜି.ଏସ୍.ଟି. ସଂଗ୍ରହ ୨ ଲକ୍ଷ ୩୭ ହଜାର କୋଟି

ଟଙ୍କା ହୋଇଥିଲା । ଅର୍ଥ ଫେରସ୍ତ ପରେ ଗତ ମାସରେ ମୋଟ୍ ଜି.ଏସ୍.ଟି. ରାଜସ୍ୱ ୧ ଲକ୍ଷ ୭୪ ହଜାର କୋଟି ଟଙ୍କା ହୋଇଛି । ଗତବର୍ଷ ମେ ମାସ ତୁଳନାରେ ଏହା ୨୦ ଦଶମିକ ୪ ପ୍ରତିଶତ ଅଧିକ ।  ଗତମାସରେ ମୋଟ ୨୭ ହଜାର ୨୧୦ କୋଟି ଟଙ୍କା ଫେରସ୍ତ କରାଯାଇଛି ।

## ତେଲଙ୍ଗାନା ଫର୍ମେସନ ଡେ

ତେଲଙ୍ଗାନା ଆଜି ତା'ର ପ୍ରତିଷ୍ଠା ଦିବସ ପାଳନ କରୁଛି । ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଆଇନ-୨୦୧୪ ଅନୁଯାୟୀ ଜୁନ୍ ୨ ତାରିଖରେ ତେଲଙ୍ଗାନା' ଦେଶର ୨୯ତମ ରାଜ୍ୟ ଭାବେ ଗଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ଆଜି ପୂର୍ବାହ୍ନରେ ସିକନ୍ଦରାବାଦ ପରେଡ୍ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ କରିବେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ରାଜ୍ୟର ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ । ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତି, କଲ୍ୟାଣ ଏବଂ କୃଷିକ୍ଷେତ୍ର ଆଧାରିତ କେତେକ କଲ୍ୟାଣକାରୀ ପଦକ୍ଷେପ ଉପରେ ଏହି ଅବସରରେ ଘୋଷଣା କରାଯିବାର ଆଶା କରାଯାଉଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଡିଜିଟାଲ୍ ବାଣିଜ୍ୟରେ ଅସୁରକ୍ଷିତ ପରିସ୍ଥିତିରୁ ଗ୍ରାହକମାନଙ୍କୁ ସୁରକ୍ଷା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଖାଉଟି ଆଇନ, ଅଧିକାର ଏବଂ ସୁରକ୍ଷା କର୍ମୀ ତଥା ବିଶେଷଜ୍ଞ ପୁଷ୍ପା ଗରିମା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ-୨୦୨୫ ଟାଇଟଲ୍ ହାସଲ ପାଇଁ ଆସନ୍ତାକାଲି ପଞ୍ଜାବ କିଙ୍ଗସ୍ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲିର ଦ୍ୱିତୀୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ବିଜୟୀ ହୋଇ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଗତକାଲି ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟ୍‌ରେ ପରାସ୍ତ କରିଥିଲା । ବର୍ଷା ଯୋଗୁଁ ବିଳମ୍ବରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ ଦଳ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୨୦୩ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ତିଲକ ବର୍ମା ଏବଂ ସୂର୍ଯ୍ୟ କୁମାର ଯାଦବ ୪୪ ରନ୍ ଲେଖାଏଁ ସଂଗ୍ରହ କରିଥିଲେ । ବିଜୟ ଲକ୍ଷ୍ୟକୁ ପଞ୍ଜାବ ୫ ୱିକେଟ୍ ବିନିମୟରେ ୧୯ ଓଭର୍‌ରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ୍ ଆୟାର୍ ସର୍ବାଧିକ ଅପରାଜିତ ୮୭ ରନ୍ ସଂଗ୍ରହ କରିଥିଲେ । ଶ୍ରେୟଶ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

## ଏସିଆନ୍ ଆଥ୍‌ଲେଟିକ୍‌ସ ଚାମ୍ପିୟନ୍‌ସିପ୍

୨୬ତମ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି । ଦକ୍ଷିଣ କୋରିଆର ଗୁମିଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ଭାରତ ପଦକ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି । ୮ଟି

ସ୍ୱର୍ଣ୍ଣ, ୧୦ଟି ରୌପ ଏବଂ ୬ଟି ବ୍ରୋଞ୍ଜ ପଦକ ସହ ମୋଟ୍ ୨୪ଟି ପଦକ ହାସଲ କରି ଭାରତ ଚୀନ୍ ପରେ ତାଲିକାର ଦ୍ୱିତୀୟ ଦଳ ଭାବେ ସ୍ଥାନିତ ହୋଇଛି । ଗୁଲବୀର ସିଂହ ଚଳିତ ସଂସ୍କରଣରେ ୨ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ୧୦ ହଜାର ମିଟର ଦୌଡ଼ ଏବଂ ୫ ହଜାର ମିଟର ପ୍ରତିଯୋଗିତାରେ ସେ ଏହି ସଫଳତା ହାସଲ କରିଛନ୍ତି । ଗୋଟିଏ ସଂସ୍କରଣରେ ୨ଟି ସ୍ୱର୍ଣ୍ଣପଦକ ହାସଲ କରିବାରେ ସେ ପ୍ରଥମ ଭାରତୀୟ ଖେଳାଳି ବିବେଚିତ ହୋଇଛନ୍ତି ।

*****